# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ବହୁ ପ୍ରତୀକ୍ଷିତ କେନ୍ଦ୍ର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଦ୍ୱାରା ରାଜନୈତିକ ଦୃଷ୍ଟିରୁ, ସେପରି କୌଣସି ଉଲ୍ଲେଖନୀୟ ପରିବର୍ତ୍ତନର ସୂଚନା ମିଳୁ ନ ଥିଲେ ହେଁ, ପ୍ରଶାସନିକ ଓ ଦଳୀୟ ଦୃଢ଼ତା ଦୃଷ୍ଟିରୁ ଏହା ରାଜୀବ ଗାନ୍ଧୀଙ୍କର ଦୃଢ଼ ମନୋବଳ ଏବଂ ଆତ୍ମବିଶ୍ୱାସର ସୂଚନା ଦିଏ। ଏ ପରିବର୍ତ୍ତନରେ ଶ୍ରୀଯୁକ୍ତ ଗାନ୍ଧୀ ତିନୋଟି ବିଭାଗକୁ ଗୁରୁତ୍ୱ ସହିତ ବିଚାର କରିଛନ୍ତି। ସ୍ୱରାଷ୍ଟ୍ର, ଅର୍ଥ ଓ ବୈଦେଶିକ ବ୍ୟାପାର– ଏହି ତିନୋଟି ବିଭାଗରେ ଶ୍ରୀଯୁକ୍ତ ଗାନ୍ଧୀ ନିକଟ ଅତୀତରେ ସୃଷ୍ଟି ହୋଇଥିବା ସମସ୍ୟାଗୁଡ଼ିକର ମୁକାବିଲା କରିବା ପାଇଁ ଚେଷ୍ଟା କରିଛନ୍ତି ବୋଲି ବୁଝାଯାଇପାରେ। ପଞ୍ଜାବ–ସମସ୍ୟା ପ୍ରତିଦିନ ନୂଆ ନୂଆ ରୂପ ନେଉଛି। ଦଳମତ ନିର୍ବିଶେଷରେ ଜାତୀୟ ସଂହତିକୁ କ୍ଷତି ନ ହେଲେ ଏହାର ଏକ ରାଜନୈତିକ ସମାଧାନ ପାଇଁ ସମସ୍ତେ ଏକ ସ୍ୱରରେ ଦାବୀ କରୁଛନ୍ତି। ପଞ୍ଜାବରୁ ଦୁଇ ଜଣ କ୍ୟାବିନେଟ୍ ପଦସ୍ଥ ମନ୍ତ୍ରୀଙ୍କୁ ନେଇ ଏବଂ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ଦେଇ ପଞ୍ଜାବ ସମସ୍ୟାର ସମାଧାନ ଦିଗରେ ଶ୍ରୀ ଗାନ୍ଧୀ ଆନ୍ତରିକତାର ସୂଚନା ଦେଇଛନ୍ତି। ସେହିପରି ବୈଦେଶିକ ବ୍ୟାପାର ବିଭାଗ ସାମ୍ପ୍ରତିକ ପରିସ୍ଥିତିରେ ଅତି ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଛି। ଭାରତର ଦୁଇ ପଡ଼ୋଶୀ ରାଷ୍ଟ୍ରରେ ଏବେ ଯେଉଁ ରାଜନୈତିକ ପରିବର୍ତ୍ତନର ସୂଚନା ମିଳୁଛି, ଶ୍ରୀଲଙ୍କା ସହିତ ତାମିଲ୍ ସମସ୍ୟା ନେଇ ଯେଉଁ ତିକ୍ତ ସମ୍ପର୍କର ସୂତ୍ରପାତ ହୋଇଛି, ଆମେରିକାର ଲିବ୍ୟା–ଆକ୍ରମଣ ପରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କ ମଧ୍ୟରେ ଯେଉଁ ଉତ୍ତେଜନା ପ୍ରକାଶ ପାଉଛି ଏବଂ ଏ କ୍ଷେତ୍ରରେ ଭାରତ ଶ୍ରୀଯୁକ୍ତ ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ପ୍ରଗତିଶୀଳ ନୀତି ଅବଲମ୍ବନ କରୁଛି, ସେହି ପରିପ୍ରେକ୍ଷୀରେ ବୈଦେଶିକ ବ୍ୟାପାର ବିଭାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ତେଣୁ ବଳିରାମ ଭଗତଙ୍କୁ ବାଦ୍ ଦେଇ ଏ ବିଭାଗର ଦାୟିତ୍ୱ ଶିବଶଙ୍କରଙ୍କୁ ଦେବା ଭଗତଙ୍କ ପ୍ରତି ରାଜୀବଙ୍କର ଅନାସ୍ଥା ତଥା ଶିବ ଶଙ୍କରଙ୍କ ପ୍ରତି ତାଙ୍କର ନୂତନ ଆସ୍ଥାର ପରିଚୟ ଦେଉଛି। ଏହାଛଡ଼ା ଏଡୁଆର୍ଡୋ ଫେଲେରୋଙ୍କୁ ଏ ବିଭାଗରେ ଆଉ ଜଣେ ସହଯୋଗୀ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ଦେଇ ସେ ଏହି ବିଭାଗଟିର ଗୁରୁତ୍ୱ ବଢ଼ାଇଛନ୍ତି।

ବିଭିନ୍ନ କାରଣରୁ ଗତ କେତେ ମାସ ହେବ ଅର୍ଥମନ୍ତ୍ରୀ ଶ୍ରୀ ଭି. ପି. ସିଂହ ବେଶ୍ ବିବାଦୀୟ ହୋଇ ଉଠିଥିଲେ। ତାଙ୍କୁ ଏବଂ ତାଙ୍କର ବିଭିନ୍ନ ପ୍ରଶାସନୀୟ ପଦକ୍ଷେପକୁ ନେଇ କଂଗ୍ରେସ(ଇ) ଦଳ ମଧ୍ୟରେ ରୀତିମତ ଏକ ଘରୋଇ ଯୁଦ୍ଧର ସୂତ୍ରପାତ ହୋଇଥିଲା। ପେଟ୍ରୋଲିୟମ୍‌ଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ଓ ପରେ ତାହାର ଆଂଶିକ ପ୍ରତ୍ୟାହାର ଠାରୁ ଆରମ୍ଭ କରି କଳାଧନ ବିରୁଦ୍ଧରେ ଯେଉଁ ଅଭିଯାନ ଶ୍ରୀଯୁକ୍ତ ସିଂହ ନିଜ ବିଭାଗ ତରଫରୁ ଚଳାଇ ଥିଲେ, ତାହା କଂଗ୍ରେସ(ଇ) ଦଳ ମଧ୍ୟରେ ଗୋଷ୍ଠୀ ବିବାଦ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ରାଜୀବ ଗାନ୍ଧୀଙ୍କୁ ଅଡୁଆ ପରିସ୍ଥିତିରେ ପକାଇ ଥିଲା ବୋଲି ଅନେକେ ବିଶ୍ୱାସ କରୁଥିଲେ। ତେଣୁ ଶ୍ରୀ ଭି.ପି. ସିଂହଙ୍କର ରାଜନୈତିକ ଭବିଷ୍ୟତ ସମ୍ପର୍କରେ ନାନା ଜଳ୍ପନାକଳ୍ପନା ମଧ୍ୟ ଆରମ୍ଭ ହୋଇ ସାରିଥିଲା। କିନ୍ତୁ ତାଙ୍କ ବିଭାଗରେ କୌଣସି ପରିବର୍ତ୍ତନ ନ କରି, ଶ୍ରୀଯୁକ୍ତ ଗାନ୍ଧୀ ତାଙ୍କୁ ପୂର୍ଣ୍ଣ ରାଜନୈତିକ ଓ ପ୍ରଶାସନିକ ସମର୍ଥନ ଜଣାଇବା ସଙ୍ଗେ ସଙ୍ଗେ, ଆଉ ଜଣେ ସହଯୋଗୀ ରାଷ୍ଟ୍ରମନ୍ତ୍ରୀ ଦେଇ ତାଙ୍କର ଏବଂ ତାଙ୍କ ବିଭାଗର ମର୍ଯ୍ୟାଦା ବୃଦ୍ଧି କରିଛନ୍ତି।

ଏହା ପୂର୍ବରୁ ମନ୍ତ୍ରିମଣ୍ଡଳରେ କେତେକ ରାଜ୍ୟର ଆଦୌ ପ୍ରତିନିଧିତ୍ୱ ନ ଥିଲା। ସେହି ଦୃଷ୍ଟିରୁ ଜାମ୍ମୁ-କାଶ୍ମୀର, ପଞ୍ଜାବ, ଆସାମ, ମଣିପୁର, ଏପରିକି ଗୋଆରୁ ମଧ୍ୟ ସଭ୍ୟମାନଙ୍କୁ ଏଥିରେ ସ୍ଥାନ ଦିଆଯିବା ଯଥାର୍ଥ ହୋଇଛି। ବିଶେଷ କରି ଜାମ୍ମୁ-କାଶ୍ମୀର ରାଜନୀତିରେ ଦେଖା ଦେଇଥିବା ଅନିଶ୍ଚିତତା ଦୃଷ୍ଟିରୁ ପ୍ରଦେଶ କଂଗ୍ରେସ (ଇ) କମିଟି ସଭାପତି ଶ୍ରୀ ମୁଫ୍ତି ମହମ୍ମଦ ସୟଦଙ୍କୁ କ୍ୟାବିନେଟ୍‌ରେ ସ୍ଥାନ ଦେବା ଦ୍ୱାରା ଏହାର ଉଚିତ୍ ମୁକାବିଲା କରାଯାଇ ପାରିବ ବୋଲି ବିଶ୍ୱାସ କରାଯାଉଛି।

ତିନି ଜଣ ନୂତନ ମହିଳା ମନ୍ତ୍ରୀଙ୍କୁ ନେବା ଦ୍ୱାରା ରାଜୀବ ଗାନ୍ଧୀ ନିଜର ପୂର୍ବ ଘୋଷିତ ନୀତିକୁ ପ୍ରତିପାଦିତ କରିଛନ୍ତି ମାତ୍ର। ଗତ ନିର୍ବାଚନ ସମୟଠାରୁ ଅଧିକ ସଂଖ୍ୟକ ମହିଳା ପ୍ରତିନିଧିଙ୍କର ରାଜନୀତିରେ ଭାଗ ନେବା ପ୍ରତି ଶ୍ରୀଯୁକ୍ତ ଗାନ୍ଧୀ ଉତ୍ସାହ ଦେଇ ଆସୁଥିଲେ। ଏପରିକି କଂଗ୍ରେସ ଟିକେଟ୍ ଦେବା ପାଇଁ ମହିଳାମାନଙ୍କ ଲାଗି ଶତକଡ଼ା ୨୦ ଭାଗ ସଂରକ୍ଷଣ ନୀତି ଘୋଷିତ ହୋଇଥିଲା। ସେହି ନ୍ୟାୟରେ ଆଉ ତିନି ଜଣ ମହିଳା ସହଯୋଗୀ ମନ୍ତ୍ରୀଙ୍କୁ ନିଆଯିବା ସମୀଚୀନ ହୋଇଛି। ସେମାନଙ୍କ ପାଇଁ ବିଭାଗ ବଣ୍ଟନରେ ମଧ୍ୟ ଅନୁରୂପ ସମୀଚୀନତା ପ୍ରକାଶ ପାଇଛି। ଶ୍ରୀମତୀ ସରୋଜ ଖାପର୍ଡେ, ଶ୍ରୀମତୀ ଶୀଲା ଦୀକ୍ଷିତ ଓ ଶ୍ରୀମତୀ କୃଷ୍ଣା ସାହି ଗତ ଏକ ବର୍ଷ ମଧ୍ୟରେ ବିଭିନ୍ନ ବିଷୟରେ ବେଶ୍ ଆଗ୍ରହ, ଉତ୍ସାହ ପ୍ରଦର୍ଶନ କରି ଆସିଥିଲେ। ଶିକ୍ଷା-ସଂସ୍କୃତି, ସ୍ୱାସ୍ଥ୍ୟ ଓ ପାର୍ଲାମେଣ୍ଟାରୀ ବ୍ୟାପାର ବିଭାଗରେ ନାରୀ ସୁଲଭ ଧୈର୍ଯ୍ୟ ଓ ଯତ୍ନର ଆବଶ୍ୟକତା ଅନୁଭୂତ ହେଉଥିଲା।

ଏସବୁ ବିଚାର-ବୁଦ୍ଧିର ପ୍ରଦର୍ଶନ ସତ୍ତ୍ୱେ ଆମ ଓଡ଼ିଶା ପ୍ରତି ନିଶ୍ଚିତ ରୂପେ ଅବିଚାର କରାଯାଇଛି ବୋଲି କହିବାକୁ ହେବ। ଓଡ଼ିଶାରୁ ଅତୀତରେ ଆଉ କେବେ ଏତେ ସଂଖ୍ୟକ କଂଗ୍ରେସ ସଭ୍ୟ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇ ନ ଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏହାକୁ ଉଚିତ୍ ପ୍ରତିନିଧିତ୍ୱ ନ ଦେବାର କାରଣ ଆଦୌ ବୁଝା ପଡ଼ୁନାହିଁ। ଓଡ଼ିଶା ଅପେକ୍ଷା କମ୍ ସଭ୍ୟ ତଥା କମ୍ ରାଜନୈତିକ ସମର୍ଥନ ଯୋଗାଉଥିବା ରାଜ୍ୟମାନଙ୍କୁ ମାତ୍ରାଧିକ ପ୍ରତିନିଧିତ୍ୱ ମିଳିସାରିଥିବା ବେଳେ, ଏ ଦିଗରେ ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରାଯାଇଛି। ଏହାର କାରଣ ଖୋଜି ବସିଲେ, ଯୁକ୍ତି ଦୃଷ୍ଟିରୁ ଦୁଇଟି କଥା ମନକୁ ଆସୁଛି। ହୁଏତ ଓଡ଼ିଶାର ସଭ୍ୟମାନଙ୍କ ମଧ୍ୟରୁ ଆଉ କେହି ଯୋଗ୍ୟ ନୁହଁନ୍ତି କିମ୍ବା ନିକଟ ଅତୀତରେ କେତେ ଜଣ ବରିଷ୍ଠ ଏମ୍.ପି.ଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରରୋଚନାରେ ତଥାକଥିତ ଅସନ୍ତୁଷ୍ଟ ଗୋଷ୍ଠୀକୁ ନେଇ ଯେଉଁ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବାର ଚେଷ୍ଟା କରାଗଲା, ତାହା ହୁଏତ ପ୍ରଧାନମନ୍ତ୍ରୀ ଆଦୌ ପସନ୍ଦ କଲେ ନାହିଁ ଏବଂ ମନ୍ତ୍ରିମଣ୍ଡଳରେ ଆଉ କାହାରିକୁ ସ୍ଥାନ ଦେବା ଉଚିତ୍ ମନେ କଲେ ନାହିଁ। ପ୍ରଥମ ଯୁକ୍ତିଟି ଆଦୌ ଗ୍ରହଣୀୟ ନୁହେଁ। ଦ୍ୱିତୀୟ ଯୁକ୍ତିଟି ସାମ୍ପ୍ରତିକ ପରିସ୍ଥିତିରେ ଯୁକ୍ତିଯୁକ୍ତ ମନେ ହେଉଥିଲେ ହେଁ ଓଡ଼ିଶାର ସ୍ୱାଭିମାନ ଦୃଷ୍ଟିରୁ ଆମ ପକ୍ଷରେ ଗ୍ରହଣ ଯୋଗ୍ୟ ହୋଇ ପାରୁ ନାହିଁ। ତେଣୁ ଏ ରାଜନୈତିକ ପରିସ୍ଥିତି ପାଇଁ ଯେଉଁମାନେ ଅଧିକ ଦାୟୀ, ସେମାନେ ନିଜ ନିଜର ଭବିଷ୍ୟତ ଏବଂ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଆତ୍ମସମୀକ୍ଷା କରିବା ଉଚିତ।